Prepp
Your Personal Exams Guide

# OTET 2026 Paper 2 Maths And Science Question Paper Key PDF (Jul 05, 2026) (Set D)

ସମୟ : 2 ଘଣ୍ଟା 30 ମିନିଟ୍
Time : 2 Hours 30 Minutes

**SET : D**

ପୂର୍ଣ୍ଣ ସଂଖ୍ୟା : 150
Full Marks : 150

## ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ

୧. ପରୀକ୍ଷାର୍ଥୀଙ୍କର ପ୍ରାର୍ଥିତ୍ୱ ସାମୟିକ (ଅସ୍ଥାୟୀ) । ଯଦି କୌଣସି ପରୀକ୍ଷାର୍ଥୀ ଦେଇଥିବା ତଥ୍ୟ ଭୁଲ, ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ବୋଲି ଯେକୌଣସି ସମୟରେ ପ୍ରମାଣିତ ହୁଏ, ତେବେ ତାଙ୍କର ପ୍ରାର୍ଥୀତ୍ୱ ନାକଚ ହୋଇଯିବ ।

୨. ଓ. ଏମ୍. ଆର୍. ଫର୍ମରେ ଥିବା ବୃତ୍ତଟିକୁ କେବଳ କଳା / ନୀଳ ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ରୂପେ କଳା / ନୀଳ କରିବାକୁ ହେବ । ଆଂଶିକ କଳା / ନୀଳ କରାଯାଇଥିଲେ ତାହାର ମୂଲ୍ୟାୟନ ହେବ ନାହିଁ ।

୩. ଦୁଇଟି କିମ୍ବା ଅଧିକ ବୃତ୍ତ ଗୁଡ଼ିକୁ ସମ୍ପୂର୍ଣ୍ଣ / ଆଂଶିକ କଳା / ନୀଳ କରାଯାଇଥିଲେ ତାହାର ମଧ୍ୟ ମୂଲ୍ୟାୟନ ହେବନାହିଁ ।

୪. କଳା / ନୀଳ କରାଯାଇଥିବା ବୃତ୍ତକୁ 'X' ଚିହ୍ନଦ୍ୱାରା / କଟାକଟି କରି / ଧଳା ରଙ୍ଗ ଲଗାଇ / ରବର / ବ୍ଲେଡ ଦ୍ୱାରା ଲିଭାଲିଭି କରି କିମ୍ବା ଯେକୌଣସି ଉପାୟରେ ଉତ୍ତର ବଦଳାଇଥିଲେ ତାହାର ମୂଲ୍ୟାୟନ ହେବ ନାହିଁ ।

୫. ଏହି ପ୍ରଶ୍ନପତ୍ର ପୁସ୍ତିକାଟିକୁ ନିର୍ଦ୍ଦେଶ ନପାଇବା ପୂର୍ବରୁ ଖୋଲାଯିବ ନାହିଁ । ନିଜର ରୋଲ୍ ନମ୍ବର ଠିକ୍ ଭାବରେ ଏହି ପୁସ୍ତିକାରେ ଏବଂ ଓ. ଏମ୍. ଆର୍ ଫର୍ମରେ ଲେଖିବା ଆବଶ୍ୟକ ।

୬. ଏହି ପୁସ୍ତିକାରେ ଲିଖିତ ପୃଷ୍ଠାସଂଖ୍ୟା ଏବଂ ପ୍ରଶ୍ନସଂଖ୍ୟା ଭଲ ଭାବରେ ଯାଞ୍ଚ କରିନିଅନ୍ତୁ । ଯଦି କିଛି ତ୍ରୁଟି ଥାଏ ତେବେ ପାଞ୍ଚ ମିନିଟ୍ ମଧ୍ୟରେ ଏହା ବଦଳରେ ଅନ୍ୟ ଏକ ଠିକ୍ ପୁସ୍ତିକା ନିରୀକ୍ଷକଙ୍କଠାରୁ ସଂଗ୍ରହ କରନ୍ତୁ । ପାଞ୍ଚ ମିନଟ୍ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ।

୭. ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍, ୧୯୮୮ ଅନୁସାରେ ପରୀକ୍ଷା ପରିଚାଳନା କରାଯିବ ।

## INSTRUCTIONS TO THE CANDIDATES

1. The admission to the examination is provisional. In the event of any information furnished by the candidate found false / incorrect / incomplete detected at any stage, the candidature shall be rejected.
2. Darken the circles in the OMR answer-sheet completely with Black / Blue ball point pen only. Partial darkening shall not be evaluated.
3. Darkening two or more circles completely / partially shall not be evaluated.
4. Changing the darkened circle in any mannar putting 'X' mark / using white fluid / erasing by rubber / blade etc. shall not be evaluated.
5. This question booklet shall not be opened until instructed. Write your Roll No. correctly in this booklet as well as in the OMR answer-sheet.
6. The candidates should carefully check the No. of Printed Pages, Questions and their Serial Nos. In case of any discrepancy found, exchange the defective one and collect another correct one from the invigilator within 5 (five) minutes and thereafter no complaint shall be entertained.
7. The examination shall be conducted as per the Odisha Conduct of Examination Act, 1988.

Prepp
Your Personal Exams Guide



ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ସିଟ୍‌ର ସଂପୃକ୍ତ ବୃତ୍ତଟିକୁ ନୀଳ / କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସଂପୂର୍ଣ୍ଣ ଭାବେ କଳା କର ।

**Each question has four alternatives. Choose the correct answer from among them and darken the appropriate circle completely in the OMR Sheet with Blue / Black ball point pen only.**

## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ

## CHILD DEVELOPMENT & PEDAGOGY

1. 'ମୁଖସ୍ଥ ଶିକ୍ଷଣ' କାହାକୁ କୁହାଯାଏ ?
   (A) ପ୍ରତ୍ୟୟକୁ ବୁଝିବା
   (B) ନବୁଝି ମନେରଖିବା
   (C) ଅଭ୍ୟାସ କରି ଶିଖିବା
   (D) ସୃଜନଶୀଳ ଚିନ୍ତନ

2. ଶିକ୍ଷଣକୁ ସର୍ବୋତ୍ତମ ଭାବେ କିପରି ସଂଜ୍ଞାୟିତ କରାଯାଇପାରିବ ?
   (A) ତଥ୍ୟ ମନେରଖିବା
   (B) ବ୍ୟବହାରରେ ସ୍ଥାୟୀ ପରିବର୍ତ୍ତନ
   (C) ଅସ୍ଥାୟୀ ପ୍ରତିକ୍ରିୟା
   (D) ଶାରୀରିକ ଅଭିବୃଦ୍ଧି

3. ଭାଇଗୋଟ୍‌ସ୍କିଙ୍କ ଅନୁଯାୟୀ ଜଣେ ଶିକ୍ଷାର୍ଥୀ ନିଜେ କ'ଣ କରିପାରିବ ଓ ଅନ୍ୟର ସାହାଯ୍ୟରେ କ'ଣ କରିପାରିବ, ସେହି ମଧ୍ୟବର୍ତ୍ତୀ ଦୂରତାକୁ କ'ଣ କୁହାଯାଏ ?
   (A) ସ୍କାଫୋଲ୍‌ଡିଂ ଜୋନ୍
   (B) ପ୍ରତିବେଶ ଶିକ୍ଷଣ କ୍ଷେତ୍ର
   (C) ବୌଦ୍ଧିକ ଅନ୍ତର
   (D) ସାମାଜିକ ଶିକ୍ଷଣ ସ୍ତର

1. Rote learning refers to :
   (A) Understanding concepts
   (B) Memorization without understanding
   (C) Learning by practice
   (D) Creative thinking

2. Learning is best defined as :
   (A) Memorizing facts
   (B) Permanent change in behaviour
   (C) Temporary reaction
   (D) Physical growth

3. According to Vygotsky, the distance between what a learner can do alone and what she / he can do with help of others is known as :
   (A) Scaffolding zone
   (B) Zone of Proximal Development
   (C) Cognitive gap
   (D) Social learning level

Prepp
Your Personal Exams Guide



4. ବାନ୍ଦୁରାଙ୍କ 'ସାମାଜିକ ଶିକ୍ଷଣ ତତ୍ତ୍ୱ' ଅନୁଯାୟୀ ଶିଶୁମାନେ କିପରି ଶିଖନ୍ତି ?

(A) ଶାସ୍ତ୍ରୀୟ ଅନୁବନ୍ଧ

(B) ଦଣ୍ଡ ଓ ପୁରସ୍କାର

(C) ନିରୀକ୍ଷଣ ଓ ଅନୁକରଣ

(D) ପ୍ରଯତ୍ନ ଓ ପ୍ରମାଦ

5. ''ଡିସ୍‌କାଲ୍‌କୁଲିଆ''ରେ ପିଡ଼ିତ ଜଣେ ଶିକ୍ଷାର୍ଥୀ ମୁଖ୍ୟତଃ କେଉଁ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବେ ?

(A) ପ୍ରବାହ ସହିତ ପଢ଼ିବା

(B) ହସ୍ତାକ୍ଷର ଓ ସୂକ୍ଷ୍ମ ଶାରୀରିକ ଚାଳନା ଦକ୍ଷତା

(C) ଗାଣିତିକ ଧାରଣା ଓ ସଂଖ୍ୟା ଗୁଡିକୁ ବୁଝିବା

(D) ଦୀର୍ଘ ସମୟ ଧରି ମନୋନିବେଶ କରିବା

6. ନିମ୍ନୋକ୍ତ କେଉଁଟି ''ପ୍ରଯତ୍ନ ଓ ପ୍ରମାଦ'' ଶିକ୍ଷଣ ତତ୍ତ୍ୱ ଉପରେ ଆଧାରିତ ଦ୍ୱିତୀୟକ ନିୟମ ?

(A) ପ୍ରସ୍ତୁତି ନିୟମ

(B) ଅଭ୍ୟାସ ନିୟମ

(C) ଫଳାଫଳ ନିୟମ

(D) ବହୁମୁଖୀ ପ୍ରତିକ୍ରିୟା ନିୟମ

4. As per Bandura's "Social Learning Theory", children learn through :

(A) Classical conditioning

(B) Punishment and Reward

(C) Observation and Imitation

(D) Trial and Error

5. A student with "Dyscalculia" will primarily face difficulty in :

(A) Reading text fluently

(B) Handwriting and fine motor skills

(C) Understanding mathematical concept and numbers

(D) Paying attention for long periods

6. Which is a secondary law of "trial and error" theory of learning ?

(A) Law of readiness

(B) Law of exercise

(C) Law of effect

(D) Law of multiple response

7. ପାଠ୍ୟକ୍ରମ ହେଉଛି :

(A) ବିଦ୍ୟାଳୟରେ ଦିଆଯାଉଥିବା ବିଷୟ ଶିକ୍ଷା

(B) ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷଣ ଅନୁଭୂତିର ସଂପୂର୍ଣ୍ଣ ଯୋଜନା

(C) ବିହିତ ପାଠ୍ୟପୁସ୍ତକ

(D) ପରୀକ୍ଷା

8. "ଅନ୍ତର୍ନିବେଶୀ ଶିକ୍ଷା" ର ଅର୍ଥ କ'ଣ ?

(A) ଭିନ୍ନକ୍ଷମ ଶିଶୁମାନଙ୍କୁ ପୃଥକ୍ ସ୍ୱତନ୍ତ୍ର ବିଦ୍ୟାଳୟରେ ପଢ଼ାଇବା

(B) ସମସ୍ତ ଶିଶୁ, ସେମାନଙ୍କର ଦକ୍ଷତା ଓ ପୃଷ୍ଠଭୂମି ନିର୍ବିଶେଷରେ ଗୋଟିଏ ଶ୍ରେଣୀଗୃହରେ ଏକାଠି ଶିକ୍ଷା ଲାଭ କରିବା

(C) କେବଳ 'ପ୍ରତିଭାବାନ' ଶିଶୁମାନଙ୍କୁ ଉନ୍ନତ ସମ୍ବଳ ପ୍ରଦାନ କରିବା

(D) କେବଳ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟ ପାଇଁ ଶିକ୍ଷା ବ୍ୟବସ୍ଥା କରିବା

9. ଜଣେ "ସୃଜନଶୀଳ" ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷକମାନେ ଏପରି କାର୍ଯ୍ୟ କରିବା ଉଚିତ୍ ଯାହା ନିମ୍ନୋକ୍ତ କେଉଁଟିକୁ ଉତ୍ସାହିତ କରିବ ?

(A) କେନ୍ଦ୍ରୀଭୂତ ଚିନ୍ତନ

(B) ବହୁମୁଖୀ ଚିନ୍ତନ

(C) ଘୋଷି ମନେରଖିବା

(D) କଠୋର ନିୟମ ପାଳନ

7. Curriculum refers to :

(A) Subjects taught in school

(B) Planned learning experience for students

(C) Prescribed textbook

(D) Examination

8. What does inclusive education imply ?

(A) Children with disabilities should be taught in separate special school

(B) All children, regardless of ability or background, learn together in the same class

(C) Only 'talented' children should receive advanced resources

(D) Education should be provided only to majority community

9. For a "creative" learner, a teacher should provide tasks that encourages :

(A) Convergent thinking

(B) Divergent thinking

(C) Rote memorization

(D) Following strict algorithms

10. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶିକ୍ଷଣର ଏକ 'ଜ୍ଞାନଗତ' କାରକ ?

(A) ପୋଷଣ

(B) ସହପାଠୀଙ୍କ ପ୍ରଭାବ

(C) ପୂର୍ବ ଜ୍ଞାନ

(D) ବିଦ୍ୟାଳୟ କୋଠାବାଡ଼ି ଓ ଭିତ୍ତିଭୂମି

11. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ''ଦୃଶ୍ୟମାନ ଶିକ୍ଷଣ ସାମଗ୍ରୀ'' ?

(A) ରେଡିଓ

(B) ଦୂରଦର୍ଶନ

(C) ଡିଓରାମା

(D) ଟେପ୍ ରେକର୍ଡର

12. ଶିକ୍ଷାର୍ଥୀ କେନ୍ଦ୍ରିକ ଆଭିମୁଖ୍ୟରେ, ପାଠ୍ୟକ୍ରମ ମୁଖ୍ୟତଃ କାହା ଉପରେ ଆଧାରିତ ?

(A) ଶିକ୍ଷକଙ୍କ ଦକ୍ଷତା

(B) ପାଠ୍ୟପୁସ୍ତକ ଓ କଠୋର ପାଠ୍ୟକ୍ରମ

(C) ପ୍ରଶାସନିକ ସୁବିଧା

(D) ଶିଶୁର ଆବଶ୍ୟକତା, ଆଗ୍ରହ ଓ କ୍ଷମତା

13. ଅନୁକରଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଶିକ୍ଷଣକୁ କ'ଣ କୁହାଯାଏ ?

(A) ପର୍ଯ୍ୟବେକ୍ଷଣ ଶିକ୍ଷଣ

(B) ଯାନ୍ତ୍ରିକ ଶିକ୍ଷଣ

(C) ଘୋଷା ଶିକ୍ଷଣ

(D) ନିଷ୍କ୍ରିୟ ଶିକ୍ଷଣ

10. Which of these is a 'cognitive' factor of learning ?

(A) Nutrition

(B) Peer group influence

(C) Prior knowledge

(D) School building and infrastructure

11. Which of the following is a 'visual' Teaching Learning Aid (TLM) ?

(A) Radio

(B) Television

(C) Diorama

(D) Tape recorder

12. In a learner Centred approach, the curriculum is primarily based on :

(A) Teacher's expertise

(B) Textbook and rigid syllabus

(C) Administrative convenience

(D) Needs, interests and abilities of the child

13. Learning through observation and imitation is called :

(A) Observational learning

(B) Mechanical learning

(C) Rote learning

(D) Passive learning

Prepp
Your Personal Exams Guide



14. ଯଦି ଏକ ପରୀକ୍ଷା ଯାହା ମାପିବା ପାଇଁ ଉଦ୍ଦିଷ୍ଟ ତାହା ମାପିଥାଏ, ତେବେ ତାହାକୁ ପରୀକ୍ଷାର କେଉଁ ଗୁଣ କୁହାଯାଏ ?

(A) ନିର୍ଭରଯୋଗ୍ୟତା

(B) ବୈଧତା

(C) ବସ୍ତୁନିଷ୍ଠତା

(D) ବ୍ୟବହାରିକତା

15. ଏକ ଶ୍ରେଣୀରେ କିଛି ଅତ୍ୟଧିକ ନମ୍ବର ରଖିଥିବା ଛାତ୍ର ଅଛନ୍ତି । ହାରାହାରି ଖୋଜିବା ପାଇଁ କେଉଁ କେନ୍ଦ୍ରୀୟ ପ୍ରବଣତା ପଦ୍ଧତି ଗ୍ରହଣ କଲେ ଏହାର ଫଳାଫଳ ଅଧିକ ନମ୍ବର ରଖିଥିବା ଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରଭାବିତ ହେବ ?

(A) ମଧ୍ୟମା

(B) ଗରିଷ୍ଠକ

(C) ପରିସର

(D) ମାଧ୍ୟମାନ

16. ଗଠନମୂଳକ ମୂଲ୍ୟାୟନ ମୁଖ୍ୟତଃ କ'ଣ ପାଇଁ ବ୍ୟବହୃତ ହୁଏ?

(A) ଶିକ୍ଷାଦାନ ଓ ଶିକ୍ଷଣ ପଦ୍ଧତିରେ ଉନ୍ନତି ପାଇଁ ମତାମତ ଦେବା

(B) ଶିକ୍ଷା ବର୍ଷ ଶେଷରେ ଗ୍ରେଡ୍ ଦେବା

(C) ଜିଲ୍ଲାରେ ଶିକ୍ଷାର୍ଥୀଙ୍କୁ ରାଙ୍କ୍ ପ୍ରଦାନ କରିବା

(D) ବୃତ୍ତି ପାଇଁ ଶିକ୍ଷାର୍ଥୀଙ୍କୁ ଚୟନ କରିବା

14. If a test measures what it claims to measure, What quality of a test is it called ?

(A) Reliability

(B) Validity

(C) Objectivity

(D) Usability

15. A teacher wants to find the "average" score of a class that has few extreme high scoring students. Which measure of central tendency is most affected by these high scoring students ?

(A) Median

(B) Mode

(C) Range

(D) Mean

16. Formative assessment is primarily used for :

(A) Providing feedback to improve teaching and learning

(B) Assigning grades at the end of the term

(C) Ranking students in the district

(D) Selecting students for the scholarship

Prepp
Your Personal Exams Guide



17. ଏକ 'ରେଟିଂ ସ୍କେଲ୍', ତନଖି ତାଲିକା ଠାରୁ କିପରି ଭିନ୍ନ ?

(A) ତନଖି ତାଲିକା ମତାମତ ପାଇଁ ଅନୁମତି ଦିଏ, ମାତ୍ର ରେଟିଂ ସ୍କେଲ୍ ଦିଏ ନାହିଁ

(B) ରେଟିଂ ସ୍କେଲ୍ ଗୁଣର ମାତ୍ରାକୁ ମାପିଥାଏ, ମାତ୍ର ତନଖି ତାଲିକା କେବଳ ଏହାର ଉପସ୍ଥିତିକୁ ଜଣାଏ

(C) ତନଖି ତାଲିକା କେବଳ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ

(D) ରେଟିଂ ସ୍କେଲ୍ କେବଳ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ

18. ପାଠ୍ୟକ୍ରମ ସଂଗଠନର କେଉଁ ନୀତି ପରାମର୍ଶ ଦିଏ ଯେ ଶିକ୍ଷଣ 'ଜଣା'ରୁ 'ଅଜଣା' ଆଡ଼କୁ ହେବା ଉଚିତ୍ ?

(A) ଉପଯୋଗିତା ନୀତି

(B) ସମନ୍ୱୟ ନୀତି

(C) ଶିକ୍ଷଣ ଓ ଶିକ୍ଷାଦାନ ନୀତି

(D) ନମନୀୟତା ନୀତି

19. ସୃଜନଶୀଳ ଶିକ୍ଷାର୍ଥୀ କାହାକୁ କୁହାଯାଏ ?

(A) ଯିଏ ନୂତନ ଧାରଣା ବାହାର କରେ

(B) ଯିଏ କେବଳ ମନେ ରଖେ

(C) ଯିଏ ଶିକ୍ଷଣ ଠାରୁ ଦୂରେଇ ରହେ

(D) ଯିଏ ଅନ୍ୟମାନଙ୍କୁ ନକଲ କରେ

17. How a "rating scale" is different from "check list" ?

(A) A checklist allows for comments, a rating scale does not

(B) A rating scale measures the degree of a trait, while checklist only notes its presence

(C) A checklist is only meant for the teachers

(D) A rating scale is only meant for students

18. Which principle of curriculum organisation suggests that learning should move from "known to unknown" ?

(A) Principle of utility

(B) Principle of integration

(C) Principle of teaching and learning

(D) Principle of flexibility

19. A creative learner is a learner who :

(A) Generates new ideas

(B) Only memorizes

(C) Avoids learning

(D) Copies others

Prepp
Your Personal Exams Guide



20. 'ମାନକ ବିଚ୍ୟୁତି' କାହାର ଏକ ମାପ ?

(A) କେନ୍ଦ୍ରୀୟ ପ୍ରବଣତା

(B) ବିଚ୍ଛୁରଣ

(C) ସହସମ୍ବନ୍ଧ

(D) ସ୍ୱାଭାବିକତା

21. ବୌଦ୍ଧିକ ବିକାଶ ସିଦ୍ଧାନ୍ତ ଅନୁସାରେ କୈଶୋରାବସ୍ଥାରେ କେଉଁ ପ୍ରକାର ବିକାଶ ହୋଇଥାଏ ?

(A) ସମ୍ବେଦୀକାରକ ଦକ୍ଷତା

(B) ପ୍ରାକ୍ ସଂକାର୍ଯ୍ୟଧର୍ମୀ ଚିନ୍ତାଧାରା

(C) ସ୍ଥୂଳ ସଂକାର୍ଯ୍ୟଧର୍ମୀ ଚିନ୍ତାଧାରା

(D) ପ୍ରତିକ୍ଷେପ କ୍ରିୟା

22. ନିମ୍ନୋକ୍ତ କେଉଁଟି ପରିବେଶର ପ୍ରଭାବକୁ ସୂଚିତ କରେ ?

(A) ପାରିବାରିକ ପରିବେଶ

(B) ଆଖିର ରଙ୍ଗ

(C) ଉଚ୍ଚତାର ସମ୍ଭାବନା

(D) ରକ୍ତ ସମୂହ

20. "Standard Deviation" is a measure of :

(A) Central tendency

(B) Variability

(C) Correlation

(D) Normalcy

21. According to cognitive development theory, which is developed during adolescence ?

(A) Sensory motor skills

(B) Pre-operational thinking

(C) Formal operational thinking

(D) Reflex actions

22. Which of the following indicates environmental influence ?

(A) Family atmosphere

(B) Eye colour

(C) Height potential

(D) Blood group

Prepp
Your Personal Exams Guide



23. ଜଣେ ଶିକ୍ଷକ ଲକ୍ଷ୍ୟ କଲେ ଯେ ଜଣେ ଶିକ୍ଷାର୍ଥୀ ଯୁକ୍ତିଯୁକ୍ତ ପ୍ରହେଳିକା ସମାଧାନ କରିବାରେ ବହୁତ ଭଲ, କିନ୍ତୁ ସମାଜିକ ସଙ୍କେତ ବୁଝିବାରେ ଅସୁବିଧାର ସମ୍ମୁଖୀନ ହେଉଛି । ଏହା ବିକାଶର କେଉଁ ନୀତିକୁ ଦର୍ଶାଉଛି ?

(A) ବିକାଶ ଏକ ନିରନ୍ତର ପ୍ରକ୍ରିୟା

(B) ବିକାଶ ସାଧାରଣରୁ ନିର୍ଦ୍ଦିଷ୍ଟ ଆଡ଼କୁ ଗତି କରେ

(C) ବିକାଶ ପୂର୍ବାନୁମାନ ଯୋଗ୍ୟ

(D) ବିକାଶ ବହୁ-ମାତ୍ରିକ ଏବଂ ଆନ୍ତଃ-ବ୍ୟକ୍ତିଗତ

24. ଶ୍ରେଣୀଗୃହରେ ''ବ୍ୟକ୍ତିଗତ ପାର୍ଥକ୍ୟ''ର ସମାଧାନ କରିବା ପାଇଁ ଜଣେ ଶିକ୍ଷକ କ'ଣ କରିବା ଉଚିତ୍ ?

(A) ସମସ୍ତଙ୍କ ପାଇଁ ଏକ କଠୋର, ମାନକ ପାଠ୍ୟକ୍ରମ ଅନୁସରଣ କରିବା

(B) ବିଭିନ୍ନ ଆବଶ୍ୟକତା ପୂରଣ କରିବା ପାଇଁ ''ବିଭେଦିତ ଶିକ୍ଷାଦାନ'' ବ୍ୟବହାର କରିବା

(C) ବୁଦ୍ଧ୍ୟାଙ୍କ ଆଧାରରେ ଶିକ୍ଷାର୍ଥୀମାନଙ୍କର ସ୍ଥାୟୀ ଦଳ ଗଠନ କରିବା

(D) ସମାନତା ବଜାୟ ରଖିବା ପାଇଁ ପାର୍ଥକ୍ୟଗୁଡ଼ିକୁ ଅଣଦେଖା କରିବା

23. A teacher notices a student excels in logical puzzle but struggles with social cues. This highlights which principle of development ?

(A) Development is a continuous process

(B) Development proceeds from general to specific

(C) Development is predictable

(D) Development is multi-dimensional and inter individual

24. What should be done by a teacher to address "individual differences" in a classroom ?

(A) Follow a rigid, standardized curriculum for all

(B) Use "differentiated instruction" to meet diverse needs

(C) Group students permanently on the basis of IQ scores

(D) Ignore difference to promote equality

Prepp
Your Personal Exams Guide



25. ଯଦି A > B ଏବଂ B > C ହୁଏ, ତେବେ A > C ରୁ କେଉଁ ଜ୍ଞାନାତ୍ମକ ଦକ୍ଷତା ଜଣେ ଉଚ୍ଚ ପ୍ରାଥମିକ ସ୍ତରର ଛାତ୍ରଙ୍କୁ ବସ୍ତୁଗୁଡ଼ିକ ନଦେଖି ଏହାକୁ ବୁଝିବାରେ ସାହାଯ୍ୟ କରେ ?

(A) ସଞ୍ଚରିତ ଅନୁମାନ

(B) ସଂରକ୍ଷଣ

(C) ବସ୍ତୁର ସ୍ଥାୟିତ୍ୱ

(D) କେନ୍ଦ୍ରୀକରଣ

26. ନୋଆମ୍ ଚମସ୍କିଙ୍କ ଭାଷା ବିକାଶ ତତ୍ତ୍ୱ ଅନୁସାରେ, କେଉଁ ମାନସିକ ସଂରଚନା ଶିଶୁଠାରେ ଭାଷା ବିକାଶରେ ସାହାଯ୍ୟ କରେ ?

(A) ଯାନ୍ତ୍ରିକ ଅନୁବନ୍ଧନ ବ୍ୟବସ୍ଥା

(B) ସମୀପ ବିକାଶ କ୍ଷେତ୍ର

(C) ଭାଷା ଗ୍ରହଣ ତନ୍ତ୍ର

(D) ଭାଷା ଶିକ୍ଷା ସହାୟତା ପ୍ରଣାଳୀ

27. କେଉଁ କାରକଟି ବଂଶାନୁକ୍ରମକୁ ସବୁଠାରୁ ଭଲଭାବେ ପ୍ରତିନିଧିତ୍ୱ କରେ ?

(A) ବିଦ୍ୟାଳୟ ପରିବେଶ

(B) ଜେନେଟିକ୍ ଉତ୍ତରାଧିକାର

(C) ସାଥୀ ଗୋଷ୍ଠୀର ପ୍ରଭାବ

(D) ସାଂସ୍କୃତିକ ପ୍ରଥା

25. Which cognitive ability allows an upper primary student to understand that A > B and B > C implies A > C without seeing the object ?

(A) Transitive inference

(B) Conservation

(C) Object permanence

(D) Centration

26. According to Noam Chomsky's 'Theory of Language Development', which psychological construct helps language development of a child ?

(A) Operant Conditioning Framework (OCF)

(B) Zone of Proximal Development (ZPD)

(C) Language Acquisition Device (LAD)

(D) Language Acquisition Support System (LASS)

27. Which factor best represents heredity ?

(A) School environment

(B) Genetic inheritance

(C) Peer group influence

(D) Cultural practices

28. "କୈଶୋର ଅବସ୍ଥା ହେଉଛି ଅତ୍ୟଧିକ ଚାପ, ଉତ୍ତେଜନା, ଝଡ଼ ଏବଂ ସଂଘର୍ଷର ସମୟ ।" ଏହି ପ୍ରସିଦ୍ଧ ବିବୃତିଟି କିଏ ଦେଇଥିଲେ ?

(A) ଜିନ୍ ପିଆଜେଟ୍

(B) ଜି. ଷ୍ଟାନ୍ଲେ ହଲ୍

(C) ଏରିକ୍ସନ୍

(D) ଲରେନ୍ସ କୋହଲ୍‌ବର୍ଗ

29. ପରିଣତ ଅବସ୍ଥା ଏବଂ ବାଲ୍ୟାବସ୍ଥା ମଧ୍ୟରେ ଥିବା ବିକାଶର ସ୍ତରକୁ କ'ଣ କୁହାଯାଏ ?

(A) ଶୈଶବାବସ୍ଥା

(B) କୈଶୋରାବସ୍ଥା

(C) ବାଲ୍ୟାବସ୍ଥା

(D) ବାର୍ଦ୍ଧକ୍ୟାବସ୍ଥା

30. 'ଯାନ୍ତ୍ରିକ ଅନୁବନ୍ଧନ ତତ୍ତ୍ୱ'ର ପ୍ରବର୍ତ୍ତକ କିଏ ?

(A) ଥର୍ଣ୍ଣଡାଇକ୍

(B) ସ୍କିନର୍

(C) ପିଆଜେ

(D) ଫ୍ରଏଡ୍

28. "Adolescence is a period of great stress, strain, storm and strife." This famous statement is made by whom ?

(A) Jean Piaget

(B) G. Stanley Hall

(C) Erikson

(D) Lawrence Kohlberg

29. The developmental stage between childhood and adulthood is called as :

(A) Infancy

(B) Adolescence

(C) Childhood

(D) Old Age

30. Operant conditioning theory was propounded by :

(A) Thorndike

(B) Skinner

(C) Piaget

(D) Freud

# M. I. L. (ODIA)

ନିମ୍ନପ୍ରଦତ୍ତ ଅନୁଚ୍ଛେଦଟି ପାଠକରି (ନଂ 31 ରୁ 35 ପର୍ଯ୍ୟନ୍ତ) ପ୍ରଶ୍ନଗୁଡ଼ିକର ଉତ୍ତର ଚୟନ କର :

ଅଭାବ କେଉଁଠାରେ ନାହିଁ, କାହାର ନାହିଁ ? ଧନ, ମାନ, ଆସନ ଯାହା ଦୃଷ୍ଟିରେ ପଡ଼େ ସବୁ ଅଭାବରେ ପୂର୍ଣ୍ଣ; ଅଶାନ୍ତିରେ ଜ୍ୱାଳାମୟ । ତେବେ ନିଜର ଅଭାବରେ ଅପରିତୋଷ କାହିଁକି ? ଯଦି ଜଣେ ଅସନ୍ତୁଷ୍ଟ ବ୍ୟକ୍ତିକୁ ଅନ୍ୟ ଜଣକ ସଙ୍ଗେ ଅବସ୍ଥାର ବିନିମୟ କରିବାକୁ କୁହାଯାଏ, ସେ କ'ଣ ସାରା ସୃଷ୍ଟିରେ କାହା ସଙ୍ଗେ ତାହା କରିପାରିବ ? କିଏ ସମ୍ପୂର୍ଣ୍ଣ ରୂପେ ଅନ୍ୟ ଜଣକର ଅବସ୍ଥା ଗ୍ରହଣ କରି ନିଜର ଛାଡ଼ିବାକୁ ପ୍ରସ୍ତୁତ ହେବ ? ତା'ର ଇଚ୍ଛା – ଜଣକର ଧନ, ଜଣକର ମାନ, ଆଉ ଜଣକର ଆସନ, ଆଉ ଜଣକର କୁଟୁମ୍ବ ପରିଜନ ତାକୁ ମିଳନ୍ତା । ତା' କିପରି ହେବ ? ଅପୂର୍ଣ୍ଣ ମାନବ ପୂର୍ଣ୍ଣ ସୁଖ ସମ୍ପଦର ଅଧିକାରୀ ହେବ କାହୁଁ ? କେତେଦିନ ପାଇଁ ଏ ଧନ ସମ୍ପଦ, କେତେଦିନ ପାଇଁ ଏ ଶରୀର, କେତେଦିନ ପାଇଁ ଏ ସଂସାର ? ଏ କ୍ଷଣଭଙ୍ଗୁର ଶରୀର ଧରି ଅନ୍ଧମାନବ ନିଜ ଭାଗ୍ୟର ବଡ଼ାଇ କରେ – ଅହଂକାରରେ ଏ ଧରା ଭାଙ୍ଗି ଚୂର୍ଣ୍ଣ କରିବାକୁ ବସେ । ତାହାର ସେପରି ଶକ୍ତି ଥିଲେ କି ଏ ସୃଷ୍ଟି ରହନ୍ତା ?'' ''ଜାଣି ଘୋଡ଼ାର ଶିଙ୍ଗ ନାହିଁ'' – ତା' ସୃଷ୍ଟିର ମଙ୍ଗଳ ପାଇଁ ।

ଅଭାବ, ଅନଟନ, ଦୁଃଖ, ଦୁର୍ବିପାକ, ରୋଗ, ଶୋକ, ମୃତ୍ୟୁ – ଏସବୁ ଧରାର ସମ୍ପଦ । ଏଥିଯୋଗୁଁ ଧରା ସୁଗଠିତ ଓ ଶ୍ରୀସମ୍ପନ୍ନ । ଯାହାର ଅଭାବ ନାହିଁ, ସେ ଏ ସଂସାରରେ ପ୍ରକୃତ ଦରିଦ୍ର, କାରଣ ତାକୁ ଜାଗ୍ରତ କରିବା ପାଇଁ ଅଙ୍କୁଶ ନାହିଁ ।

ତେବେ ଆଉ ନିରାଶ ହେବାର କି ଲାଭ ? ନିରାଶ ପ୍ରାଣୀ ହିଁ ସୃଷ୍ଟିର ଅଭିଶପ୍ତ ଜୀବ । ଭାଗ୍ୟର ନିର୍ଦ୍ଦେଶରେ ଦୁଃଖ ଆସୁ, ସୁଖ ଆସୁ, ବିପଦ ଆସୁ, ମୃତ୍ୟୁ ଆସୁ ଅବିଚଳିତ ଭାବରେ ସକଳ ସହ୍ୟକରି ଭାଗ୍ୟ ଉପରେ ବିଜୟ ଲାଭ କରିବାକୁ ହେବ । ସହନଶୀଳତା ଭାଗ୍ୟର ଅମୋଘ ଅସ୍ତ୍ର ଦାନ ବ୍ୟର୍ଥ କରିଦିଏ । ଘୋର ଅନ୍ଧକାର ମଧ୍ୟରେ ଜୀବନପ୍ରଦ ଆଲୋକ ଧରି ଆଶା ଗନ୍ତବ୍ୟ ପଥ ପରିଷ୍କାର ପରିସ୍ଫୁଟ କରିଥାଏ । ଆଶ୍ରିତ ପାଇଁ ଆଶା ସକଳ ଆଣି ଦେଇପାରେ; କିନ୍ତୁ ଆଶା ଗଲେ ମାନବ ଶୂନ୍ୟପ୍ରାଣ – ଶୂନ୍ୟହସ୍ତ ।

ଭୁଲ ନ କରେ କିଏ ? ବରଂ ଭୁଲ କରି ମନୁଷ୍ୟ ଭଲକରେ । ଭ୍ରମ, ପ୍ରମାଦ, ସ୍ଖଳନରେ ପଡ଼ି ମନୁଷ୍ୟ

Prepp
Your Personal Exams Guide



ସାବଧାନ ହୁଏ । ସେ ସାବଧାନତା ନ ଥିଲେ, ଭବିଷ୍ୟତ ଜୀବନ ନିର୍ଦ୍ଦୋଷ ହୁଅନ୍ତା ନାହିଁ । କିନ୍ତୁ ଏକା ଭୁଲ ଦୁଇଥର କରିବସିବା କଦାପି ସୁସ୍ଥ ଓ ସୁନ୍ଦର ନୁହେଁ । ଭ୍ରମ ପ୍ରମାଦର ଶୁଭାନୁଭୂତିରେ ଭବିଷ୍ୟତ ଜୀବନ ଆଲୋକିତ ହେବା ଆବଶ୍ୟକ । କଥାରେ କହନ୍ତି, "ପ୍ରଥମ ବାଜି ଭୀମ ହାରେ ।"

31. କାହାକୁ ସୃଷ୍ଟିର ଅଭିଶପ୍ତ ଜୀବ ବୋଲି କୁହାଯାଇଛି ?

(A) ଅଭାବୀ ଲୋକ

(B) ଅପୂର୍ଣ୍ଣ ମାନବ

(C) ନିରାଶ ପ୍ରାଣୀ

(D) ଦରିଦ୍ର

32. ଅନ୍ଧକାର ମଧ୍ୟରେ କିଏ ଆଲୋକ ଧରି ଗନ୍ତବ୍ୟ ପଥ ପରିଷ୍କାର କରିଥାଏ ?

(A) ଧନସମ୍ପଦ

(B) ଆଶା

(C) ଭାଗ୍ୟ

(D) ଭବିଷ୍ୟତ

33. କାହାକୁ ଜାଗ୍ରତ କରିବାକୁ ଅଙ୍କୁଶ ନାହିଁ ?

(A) ଯାହାର ଅଭାବ ନାହିଁ

(B) ଅହଙ୍କାରୀ ବ୍ୟକ୍ତି

(C) ଆଶାଶୂନ୍ୟ ପ୍ରାଣୀ

(D) ଯାହାର ଅଭାବ ଅଛି

34. କାହାର ନିର୍ଦ୍ଦେଶରେ ଜୀବନରେ ଦୁଃଖ, ସୁଖ, ବିପଦ ଓ ମୃତ୍ୟୁ ଆସିଥାଏ ?

(A) କର୍ମର

(B) ଆଶାର

(C) ଦୁର୍ଯୋଗର

(D) ଭାଗ୍ୟର

35. କିଏ ଧରା ସମ୍ପଦର ଅନ୍ତରାୟ ?

(A) ଦୁଃଖ, ଦୁର୍ବିପାକ

(B) ଭାଗ୍ୟ ଓ ଭଗବାନ

(C) ସୁଖ, ସମୃଦ୍ଧି

(D) ଧନ, ମାନ ଓ ଆସନ

ନିମ୍ନପ୍ରଦତ୍ତ କବିତାଂଶଟି ପଢ଼ି **(ନଂ 36 ରୁ ନଂ 40 ପର୍ଯ୍ୟନ୍ତ)** ପ୍ରଶ୍ନଗୁଡ଼ିକର ଉତ୍ତର ଚୟନ କର :

କି କରାଳ ଆଜି ରଜନୀ ? ବହେ ଝଂଝା ପବନ
ତରା ନଦିଶଇ ଗଗନେ ଶୁଭେ ଘନ ଗର୍ଜନ ।
ମୁଷଳ-ଧାରାରେ ଛିଟିକା ଦିଏ କବାଡ଼ି କେବେ
ଶୋଇ ପଡ଼ିଛ ତ ବାପା ହେ କାଣୁ ନଥିବ ଲବେ ।



(Continued)

Prepp
Your Personal Exams Guide



ଆଜି ଯେ କୁଆଁର ପୁନିଅଁ କେତେ ସୁଖ-ଶରଧା
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିନ୍ଧା ।
ମନେ ପଡୁନାହିଁ ବାବୁ ହେ ଲାଗି ଯାଇଛି ନିଦ
ମାଆ ଭଉଣୀଏ ଭବନେ ଭଜିଥିବେ ବିଷାଦ ।
ଲୁଗାରେ ହଳଦି ଲଗାଇ ଚାହିଁଥିବେ ଜନନୀ
ପିଠାପଣା ଖାଉ ନଥିବେ ସୁଖେ ଆଜି ଭଗିନୀ ।
ପବନ-ଝଙ୍କାରେ ଶୁଣୁ ସେ ଥିବ ଡାକ ତୁମ୍ଭର
ପଲକେ ପଲକେ ଚମକି ହେଉଥିବେ କାତର ।
ଫାଟିଯାଉଥିବ ଜାହାଜ ତାଙ୍କ ହୃଦ-ସାଗରେ
ନିରାଶାରେ ଆଶା-ଚମକେ ଥିବେ ସେହୁ
ଜାଗରେ ।

36. ଭଗିନୀ ପିଠାପଣା କାହିଁକି ଖାଉ ନଥିବେ ?

(A) ସ୍ୱାଦିଷ୍ଟ ହୋଇ ନଥିବାରୁ

(B) ଭାଇମାନେ ଘରକୁ ଫେରି ନଥିବାରୁ

(C) ଭଲ ନୂଆଲୁଗା ହୋଇ ନଥିବାରୁ

(D) ଝଡ଼ବର୍ଷା ଲାଗି ରହିଥିବାରୁ

37. ଜାହାଜ କେଉଁଠି ଫାଟିଯାଉଥିବ ବୋଲି କବିତାଂଶରେ କୁହାଯାଇଛି ?

(A) ହୃଦ-ସାଗରରେ

(B) ଦୁଃଖ-ସାଗରରେ

(C) ଆଶା-ସାଗରରେ

(D) ସୁଖ-ସାଗରରେ

38. ରଜନୀକୁ କରାଳ କାହିଁକି କୁହାଯାଇଛି ?

(A) ଝଡ଼ବର୍ଷାର ତାଣ୍ଡବ ହେତୁ

(B) ରଜନୀ ଦୀର୍ଘ ହୋଇଥିବାରୁ

(C) ରାତିରେ ଝିପି ଝିପି ବର୍ଷା ହେଉଥିବାରୁ

(D) ରାତି ଅନ୍ଧକାରାଚ୍ଛନ୍ନ ହୋଇଥିବାରୁ

39. ରାତ୍ରିର ଝଡ଼ବର୍ଷା ସମୟରେ ପିଲାମାନେ କ'ଣ କରୁଥିଲେ ?

(A) ଚେଇଁଥିଲେ

(B) ଶୋଇପଡ଼ିଥିଲେ

(C) କାନ୍ଦୁଥିଲେ

(D) ଘରକଥା ଭାବୁଥିଲେ

40. ଅପେକ୍ଷାରତ ମାଆ ଭଉଣୀମାନେ ଥରକୁ ଥର କାହିଁକି ଚମକି ପଡୁଥିବେ ?

(A) ମଝିରେ ମଝିରେ ଝଡ଼ବର୍ଷା ହେଉଥିବାରୁ ।

(B) ପିଲାମାନେ ନବବସ୍ତ୍ର ପିନ୍ଧି ନଥିବାରୁ ।

(C) ପବନର ସୁସୁ ଶବ୍ଦ ପିଲାମାନଙ୍କର ଡାକପରି ମନେ ହେଉଥିବାରୁ

(D) ପିଲାମାନେ ପିଠାପଣା ଖାଇନଥିବାରୁ

41. ଶିଶୁର ପଠନକ୍ରମରେ କେଉଁଟି ପ୍ରଥମେ ଅବଲମ୍ବନୀୟ ?

(A) ବାକ୍ୟ ପଠନ

(B) ଛବି ପଠନ

(C) ବହି ପଠନ

(D) ଅନୁଚ୍ଛେଦ ପଠନ

42. କେଉଁ ପଦ୍ଧତି ଅନୁସାରେ ପିଲାମାନଙ୍କୁ ଦିଆଯାଇଥିବା ଗୋଟିଏ ଗୋଟିଏ ସରଳ ଶବ୍ଦ ଦେଖି ଦେଖି ଲେଖିବା ପାଇଁ କୁହାଯାଏ ?

(A) ଶବ୍ଦ ଲିଖନ ପଦ୍ଧତି

(B) ଅକ୍ଷର ଲିଖନ ପଦ୍ଧତି

(C) ବାକ୍ୟ ଲିଖନ ପଦ୍ଧତି

(D) ଶ୍ରୁତ ଲିଖନ ପଦ୍ଧତି

43. "ଘରକାମ ପାଇଁ ବିଦେଶରେ ଥିବା ବାପାଙ୍କ ନିକଟକୁ ପତ୍ର ଲେଖ" – ଏହା କେଉଁ ପ୍ରକାର ପତ୍ର ?

(A) ଆଫିସିକ ପତ୍ର

(B) ନିମନ୍ତ୍ରଣ ପତ୍ର

(C) ବାଣିଜ୍ୟିକ ପତ୍ର

(D) ଅନୌପଚାରିକ ପତ୍ର

44. ଭାରତର ଭାଷାଗତ ବୈଚିତ୍ର୍ୟ ଆମ ଭାଷା ଶିକ୍ଷଣ ପାଇଁ କ'ଣ ବୋଲି ଧରିବାକୁ ପଡ଼ିବ ?

(A) ଦୁର୍ବଳତା

(B) କଷ୍ଟକର

(C) ସବଳତା

(D) ଦୁର୍ବୋଧ

45. ଶବ୍ଦ ଓ ଅର୍ଥ ମଧ୍ୟରେ ଥିବା ସମ୍ବନ୍ଧ ଓ ପାର୍ଥକ୍ୟ ଜାଣିବା କେଉଁ ଦକ୍ଷତାର ବିକାଶ ଘଟାଏ ?

(A) ସ୍ୱଶିକ୍ଷଣ

(B) କଥନ

(C) ଲିଖନ

(D) ବ୍ୟାବହାରିକ ବ୍ୟାକରଣ

46. କେଉଁଟି ସୁରେନ୍ଦ୍ର ମହାନ୍ତିଙ୍କ ରଚନା ନୁହେଁ ?

(A) କବି ଓ ନର୍ତ୍ତକୀ

(B) ଘାସଫୁଲ

(C) ରୁଟି ଓ ଚନ୍ଦ୍ର

(D) କାଳାନ୍ତର

Prepp
Your Personal Exams Guide



47. କେଉଁଟି ବିଶେଷଣ ପଦ ?

(A) ମୂର୍ତ୍ତି

(B) ଘୋଟକ

(C) ମୂଢ଼

(D) ନଦୀ

48. 'ନତୁବା' କେଉଁ ପ୍ରକାର ଅବ୍ୟୟ ପଦ ?

(A) ବିକଳ୍ପାର୍ଥକ

(B) ନିଶ୍ଚୟ ବୋଧକ

(C) ସଂଯୋଜକ

(D) ହେତୁ ବୋଧକ

49. କେଉଁଟି ହସ୍ତାକ୍ଷର ଲିଖନ ପଦ୍ଧତି ଅନ୍ତର୍ଗତ ନୁହେଁ ?

(A) ଶବ୍ଦ-ଶବ୍ଦ ମଧ୍ୟରେ ଉପଯୁକ୍ତ ବ୍ୟବଧାନ ରଖିବା

(B) ବିପରୀତାର୍ଥବୋଧକ ଶବ୍ଦ ଓ ପ୍ରତିଶବ୍ଦକୁ ପୃଥକ୍ କରିବା

(C) ଧାଡ଼ି ଧାଡ଼ି ମଧ୍ୟରେ ଉପଯୁକ୍ତ ବ୍ୟବଧାନ ଦେଇ ଲେଖିବା

(D) ସୁନ୍ଦର ଗୋଲ ଗୋଲ ଅକ୍ଷର ଲେଖିବା

50. ସାକ୍ଷାତକାର କେଉଁ ପ୍ରକାର ପରୀକ୍ଷଣ ?

(A) ସମନ୍ୱୟୀ

(B) ପୋର୍ଟଫୋଲିଓ

(C) ଉପଲବ୍ଧି

(D) ପ୍ରବୀଣତା

51. 'ଯଶ ହରାଇବା' ଅର୍ଥ ପ୍ରକାଶକ ରୂଢ଼ିଟି କିଏ ?

(A) କପାଳ ଫାଟିବା

(B) ଦାନାରେ ଧୂଳିଦେବା

(C) ତିନିପାଞ୍ଚିରୁ ଯିବା

(D) କଳାକନା ବୁଲାଇବା

52. 'ଜୀବନ ମୂର୍ଚ୍ଛା' ରୂଢ଼ିଟିର ଅର୍ଥ କ'ଣ ?

(A) ଆପ୍ରାଣ ଉଦ୍ୟମ

(B) ନିରାଶ୍ରୟ କରିବା

(C) ଆୟୁଷ ଶେଷ ହେବା

(D) ସ୍ତମ୍ଭୀଭୂତ ହେବା

53. 'ଅତ୍ୟୁକ୍ତି' ଶବ୍ଦରେ 'ଅତି' ଉପସର୍ଗଟି କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?

(A) ନିଶ୍ଚୟ

(B) ବିଶେଷ

(C) ଆଧିକ୍ୟ

(D) ସୁନ୍ଦର

Prepp
Your Personal Exams Guide



54. 'ବୈଦ୍ୟ' ଶବ୍ଦଟି କେଉଁ ପ୍ରତ୍ୟୟ ନିଷ୍ପନ୍ନ ?

(A) ଏୟ

(B) ଅ

(C) ଈୟସ୍

(D) ବା

55. କେଉଁଟି 'ସୂର୍ଯ୍ୟ' ଶବ୍ଦର ଏକାର୍ଥକ ଶବ୍ଦ ନୁହେଁ ?

(A) ଦୀନବନ୍ଧୁ

(B) ବିକର୍ତ୍ତନ

(C) ବିଭାବସୁ

(D) ମାର୍ତ୍ତଣ୍ଡ

56. ପିଲାଟିର ଭାଷାଶିକ୍ଷା କେଉଁଠାରେ ସମୃଦ୍ଧ ଓ ପରିମାର୍ଜିତ ହୋଇଥାଏ ?

(A) ପରିବାରରେ

(B) ସାଂଗମେଳରେ

(C) ସଭାସମିତିରେ

(D) ବିଦ୍ୟାଳୟରେ

57. ବ୍ୟାପକ ପଠନର ଲକ୍ଷ୍ୟ କ'ଣ ?

(A) ବୋଧଜ୍ଞାନ ହାସଲ

(B) କ୍ଲିଷ୍ଟ ଶବ୍ଦର ପରିଚିତି

(C) ଆନନ୍ଦ ପ୍ରାପ୍ତି

(D) ବ୍ୟାକରଣ ଜ୍ଞାନର ଅଭିବୃଦ୍ଧି

58. 'ପରଜା' ଉପନ୍ୟାସର ଲେଖକ କିଏ ?

(A) ସୁରେନ୍ଦ୍ର ମହାନ୍ତି

(B) ଫକୀର ମୋହନ ସେନାପତି

(C) ରାଧାନାଥ ରାୟ

(D) ଗୋପୀନାଥ ମହାନ୍ତି

59. କେଉଁଟି 'ଉତ୍ତଳ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ?

(A) ସମତଳ

(B) ଅବତଳ

(C) ଅତଳ

(D) ବିତଳ

60. କେଉଁ ପ୍ରକାର ପ୍ରଶ୍ନରେ ଅସଜଡ଼ା ଅକ୍ଷର ବା ଶବ୍ଦକୁ ସଜାଇ ଉପଯୁକ୍ତ ଶବ୍ଦ ବା ବାକ୍ୟ ଲେଖିବାକୁ କୁହାଯାଇଥାଏ ?

(A) ପୁନଃ ସଜ୍ଜୀକରଣ ପ୍ରଶ୍ନ

(B) ଦୃଷ୍ଟାନ୍ତମୂଳକ ପ୍ରଶ୍ନ

(C) ବର୍ଗୀକରଣ ମୂଳକ ପ୍ରଶ୍ନ

(D) ସତ୍ୟାସତ୍ୟ ପ୍ରଶ୍ନ

Prepp
Your Personal Exams Guide



## L – ENGLISH

61. I ________ be thirty next year.

(A) should

(B) can

(C) am going to

(D) may

62. I enjoy ________ on the river bank.

(A) to play

(B) playing

(C) play

(D) be playing

63. Will you ________ love me when I'm old and grey ?

(A) still

(B) already

(C) yet

(D) since

64. A fast car goes fast.

The word 'fast' used two times in the sentence functions both as ________.

(A) adjective and adjective

(B) adjective and adverb

(C) adverb and adverb

(D) adverb and intensifier

65. What's the reason ________ your absence, do you think ?

(A) with

(B) on

(C) in

(D) for

66. If you heat butter, it ________.

(A) would melt

(B) could melt

(C) melts

(D) might melt

67. Father said to his son, "Where are you going" ?

The indirect speech of the above sentence is ________.

(A) Father said to his son that where he is going ?

(B) Father asked his son that where he was going ?

(C) Father said to his son where he was going.

(D) Father asked his son where he was going.

Prepp
Your Personal Exams Guide



68. One should keep one's promises.

The passive of the above sentence is ________.

(A) One's promises should be kept

(B) Promises should be kept

(C) Promises should be kept by one

(D) Promises should have been kept

69. Which of the following is a grammatically correct sentence ?

(A) He is rich, yet he is not content

(B) He is rich yet he is not content

(C) He is rich yet, he is not content

(D) He is rich, yet, he is not content

70. There are pools of water in the field.

It ________ for three hours.

(A) is raining

(B) rained

(C) had been raining

(D) has been raining

71. Teaching grammar should aim at developing the knowledge of ________.

(A) rules and definitions of a language

(B) forms and strucutures of a language

(C) communicative function of a language

(D) both forms and rules of a language

72. Using 'stress', 'pause' and 'intonation' correctly is the subskills of ________.

(A) listening

(B) speaking

(C) reading

(D) writing

73. The objectives of teaching poems are ________.

(A) enjoyment and comprehension

(B) comprehension and appreciation

(C) enjoyment and appreciation

(D) enjoyment, comprehension and appreciation

74. Guessing the meaning of new words in a printed text is a subskill of ________.

(A) listening

(B) speaking

(C) reading

(D) writing

75. After discussion of a paragraph of a text (story) through silent reading and comprehension questions, the teacher uses a question — "What would happen then"? This question is ________.

(A) global question

(B) referential question

(C) factual question

(D) predictive question

76. The teacher provides some outlines about a topic and asks learners to write an essay on that topic. This kind of writing is called ________.

(A) controlled writing

(B) guided writing

(C) free writing

(D) parallel writing

77. Note-taking involves ________.

(A) listening and speaking

(B) listening and reading

(C) listening and writing

(D) reading and writing

78. Which does not come under the importance of learning English ?

(A) It is a medium of communication of information and news

(B) English is found on the covers of most products

(C) It does not bridge the gap between speakers of different mother tongues

(D) Career prospects depend on the proficiency in English

79. Which of the following statements is not correct ?

(A) Rote-learning is very necessary to learn a language.

(B) Exposure to language is the prime source of language.

(C) Children learn a language in collaboration with each other.

(D) Learning of grammar does not enable a child to speak fluently.

80. Which Letter is silent in the word 'Column' in pronunciation ?

(A) c

(B) l

(C) m

(D) n

Prepp
Your Personal Exams Guide



**Read the passage carefully and answer the following questions (Q. Nos. 81 to 85) choosing the correct alternatives given :**

The road to success is not straight; there is a curve called failure, a loop called confusion, speed bumps called friends, caution-lights called family, and you will have flats called jobs. But, if you have a spark called determination, an engine called perseverance, insurance called faith, and a driver called God, you will eventually make it to a place called success.

In spite of all our planning and preparation, unexpected challenges are certain to arise. The bumps in the road will be unavoidable, but you will never get to your destination if you aren't willing to drive over them. The difference between a disaster and triumph lies in whether or not you are prepared and willing to weather the storm. If you're ready, those bumps will become the stepping stones.

81. Which of the following does not help a person achieve success in life ?
    (A) Determination
    (B) Faith
    (C) Perseverance
    (D) Confusion

82. The road to success is ________.
    (A) straight
    (B) short-cut
    (C) slanting
    (D) twisted

83. Which of the following has been described as the 'insurance' necessary for the journey ?
    (A) Loop
    (B) Faith
    (C) Determination
    (D) Planning

84. What is the engine that keeps the journey moving ?
    (A) Determination
    (B) Perseverance
    (C) Success
    (D) Faith and planning

85. The difference between a disaster and triumph lies in ________.
    (A) whether you're ready and willing to endure the storm
    (B) whether you're afraid of bearing with it
    (C) whether you dislike to weather the storm
    (D) whether you dislike but work hard to face it

Prepp
Your Personal Exams Guide



**Read the poem carefully and answer the following questions (Q. Nos. 86 to 90) choosing the correct options given :**

Getting up from the bed
I look at the rising sun
Through a crack in the window
I watch as a new day is going to born.
I see a new body in me
A new soul washed pure
Whatever lies ahead for me to do
With my heart I will finish it for sure
I won't be back to bed now
The sun has gone up the hill
I must get ready to take up my job
And to set rolling my fortune's wheel.

86. What is the poem about ?
   (A) the beauty of nature in the morning
   (B) the hard work of the speaker
   (C) the willingness of the speaker to perform his duty
   (D) the blessing of God to do anything

87. The speaker in the poem is ________ towards his duty .
   (A) lazy and hesitant
   (B) reluctant and angry
   (C) determined and interested
   (D) Worried and fearful

88. The poet observes the 'rising.sun' through ________.
   (A) a hole in the door
   (B) a crack in the door
   (C) a hole in the wall
   (D) a crack in the window

89. What does the phrase, 'my fortune's wheel' in the last line of the poem symbolize ?
   (A) The speaker's luck in life
   (B) The wheel of the speaker's chair
   (C) The movement of the sun
   (D) The change of time in a day

90. What does the speaker do at the beginning of the day ?
   (A) watches the sunrise
   (B) gets up from the bed
   (C) enjoys the setting sun
   (D) shares his feeling with nature

Prepp
Your Personal Exams Guide



## ଗଣିତ ଏବଂ ବିଜ୍ଞାନ
## MATHEMATICS & SCIENCE

91. ଗୋଟିଏ ବର୍ଗକ୍ଷେତ୍ରର ବାହୁର ଦୈର୍ଘ୍ୟ 4 ଏକକ ହେଲେ, ଏହାର କର୍ଣ୍ଣ ପ୍ରତି ବିପରୀତ ଶୀର୍ଷ ବିନ୍ଦୁରୁ ଅଙ୍କିତ ଲମ୍ବର ଦୈର୍ଘ୍ୟ କେତେ ଏକକ ହେବ ?

(A) 2

(B) $2\sqrt{2}$

(C) 4

(D) $4\sqrt{2}$

92. ଗୋଟିଏ ବୃତ୍ତର କ୍ଷେତ୍ରଫଳ 'a' ବର୍ଗଏକକ ହେଲେ ଏଥିରେ ଅନ୍ତର୍ଲିଖିତ ସମବାହୁ ତ୍ରିଭୁଜର ବାହୁର ଦୈର୍ଘ୍ୟ କେତେ ଏକକ ହେବ ?

(A) $\sqrt{3\pi a}$

(B) $3\sqrt{\frac{a}{\pi}}$

(C) $\sqrt{\frac{3a}{\pi}}$

(D) $2\sqrt{\frac{a}{\pi}}$

91. If the length of the side of a square is 4 units, what will be the length of the perpendicular drawn from the opposite vertex to its diagonal ?

(A) 2

(B) $2\sqrt{2}$

(C) 4

(D) $4\sqrt{2}$

92. If the area of a circle is 'a' square units, what will be the length of the side of an equilateral triangle inscribed in it ?

(A) $\sqrt{3\pi a}$

(B) $3\sqrt{\frac{a}{\pi}}$

(C) $\sqrt{\frac{3a}{\pi}}$

(D) $2\sqrt{\frac{a}{\pi}}$

Prepp
Your Personal Exams Guide



93. $\Delta$ ABC ~ $\Delta$ PQR । $\Delta$ ABC ର ପରିସୀମା 18 ସେ.ମି. ଓ କ୍ଷେତ୍ରଫଳ 81 ବର୍ଗ ସେ. ମି. ଅଟେ । $\Delta$ PQR ର ପରିସୀମା 24 ସେ.ମି. ହେଲେ ଏହାର କ୍ଷେତ୍ରଫଳ କେତେ ହେବ ?


(A) 60 ବର୍ଗ ସେ.ମି.

(B) 72 ବର୍ଗ ସେ.ମି.

(C) 96 ବର୍ଗ ସେ.ମି.

(D) 144 ବର୍ଗ ସେ.ମି.

94. ଦତ୍ତ ଚିତ୍ରରେ ∠ABCର ଅନ୍ତଃସମଦ୍ୱିଖଣ୍ଡକ ଏବଂ C ବିନ୍ଦୁରେ ଉତ୍ପନ୍ନ ବହିଃସ୍ଥ କୋଣ ∠ACDର ସମଦ୍ୱିଖଣ୍ଡକର ଛେଦ ବିନ୍ଦୁ E ଅଟେ । m∠BAC = 56° ହେଲେ, ∠BEC ର ପରିମାଣ କେତେ ହେବ ?




(A) 28°

(B) 34°

(C) 54°

(D) 62°

93. $\Delta$ABC ~ $\Delta$ PQR. The perimeter and area of $\Delta$ABC are 18cm and 81 sq cm respectively. If the perimeter of $\Delta$ PQR is 24cm, then what is its area ?


(A) 60 sq. cm

(B) 72 sq. cm

(C) 96 sq. cm

(D) 144 sq. cm

94. In the given figure the internal bisector of angle ∠ABC and the bisector of external angle ∠ACD at point C intersect each other at point E. If m ∠BAC = 56° then what is the measure of angle ∠BEC ?




(A) 28°

(B) 34°

(C) 54°

(D) 62°

Prepp
Your Personal Exams Guide



95. ଜଣେ ବ୍ୟକ୍ତି ଏକ ସ୍କୁଟର ₹ 7,500 ରେ କିଣି ଏହାର ମରାମତିରେ ₹ 500 ଖର୍ଚ୍ଚ କଲେ, ଏହାକୁ 12% କ୍ଷତିରେ ବିକ୍ରିକରି ସେ କେତେ ଟଙ୍କା କ୍ଷତି ସହିବେ ?

(A) ₹ 8,040

(B) ₹ 8,000

(C) ₹ 960

(D) ₹ 900

96. $a^2 + 1 = a$ ହେଲେ $a^6 + \frac{1}{a^6} + 1$ ର ମାନ କେତେ ହେବ ?

(A) 3

(B) −3

(C) 6

(D) −6

95. A person bought a Scooter for ₹ 7,500 and spent ₹ 500 on its repairs. How much will he suffer a loss of money by selling it at a loss of 12% ?

(A) ₹ 8,040

(B) ₹ 8,000

(C) ₹ 960

(D) ₹ 900

96. If $a^2 + 1 = a$, then find the value of $a^6 + \frac{1}{a^6} + 1$ :

(A) 3

(B) −3

(C) 6

(D) −6

97. କୌଣସି ଏକ ମୂଳଧନର ବାର୍ଷିକ 5% ସୁଧ ହାରରେ 2 ବର୍ଷର ଚକ୍ରବୃଦ୍ଧି ସୁଧ ଓ ସରଳସୁଧର ଅନ୍ତର 12 ଟଙ୍କା ହୁଏ, ତେବେ ମୂଳଧନ କେତେ ଟଙ୍କା ଅଟେ ?


(A) 4800

(B) 5600

(C) 6000

(D) 6400

98. ଦତ୍ତ ଚିତ୍ରରେ AB = BD ଏବଂ AD = CD ହେଲେ ∠BAC ଓ ∠ACB ର ପରିମାପ ର ଅନୁପାତ କେତେ ହେବ ?




(A) 1 : 2

(B) 2 : 1

(C) 1 : 3

(D) 3 : 1

97. A sum of money at an annual interest rate of 5% has a difference of Rs. 12 between its compound interest and simple interest for 2 years. Find the principal amount :


(A) Rs. 4800

(B) Rs. 5600

(C) Rs. 6000

(D) Rs. 6400

98. In the given figure AB = BD and AD = CD, then find the ratio of the measurement of angle ∠BAC and ∠ACB :




(A) 1 : 2

(B) 2 : 1

(C) 1 : 3

(D) 3 : 1

99. ଗୋଟିଏ ଟ୍ରାପିଜିୟମ୍‌ର ସମାନ୍ତର ବାହୁଦ୍ୱୟର ଦୈର୍ଘ୍ୟର ଅନୁପାତ 2 : 3 ଏବଂ ଏହାର ଉଚ୍ଚତା 16 ସେ.ମି. । ଟ୍ରାପିଜିୟମଟିର କ୍ଷେତ୍ରଫଳ 440 ବର୍ଗ ସେ.ମି. ହେଲେ, ଅସମାନ୍ତର ବାହୁଦ୍ୱୟର ମଧ୍ୟବିନ୍ଦୁଦ୍ୱୟକୁ ଯୋଗକରୁଥିବା ରେଖାଖଣ୍ଡର ଦୈର୍ଘ୍ୟ କେତେ ହେବ ?

(A) 22 ସେ.ମି.
(B) 27.5 ସେ.ମି.
(C) 33.5 ସେ.ମି.
(D) 55 ସେ.ମି.

100. 14 ଅପେକ୍ଷା ବୃହତ୍ତର 99 ଠାରୁ କମ୍ କେତୋଟି ପୂର୍ଣ୍ଣ ସଂଖ୍ୟାର ସାଧାରଣ ରୂପ $2n^2 + 3$ (ଯେଉଁଠାରେ $n \in N$) ଅଟେ ?

(A) 4
(B) 5
(C) 6
(D) 7

101. ନିମ୍ନଲିଖିତ ମଧ୍ୟରୁ କେଉଁ ପଦ୍ଧତିରେ ଶିକ୍ଷାର୍ଥୀର ଆବିଷ୍କାର ମନୋଭାବର ବିକାଶ ସାଧନ ସହଜ ହୋଇ ନଥାଏ ?

(A) ଅବରୋହ
(B) ଆରୋହ
(C) ସଂଶ୍ଳେଷଣ
(D) ବିଶ୍ଳେଷଣ

99. In a trapezium, the lengths of two parallel sides are in the ratio 2 : 3 and its height is 16 cm. If the area of the trapezium is 440 $cm^2$ then find the length of the line segment joining the midpoints of the two non-parallel sides ?

(A) 22 cm
(B) 27.5 cm
(C) 33.5 cm
(D) 55 cm

100. How many integers greater than 14 and less than 99 are of the form $2n^2 + 3$ ? ($n \in N$)

(A) 4
(B) 5
(C) 6
(D) 7

101. Which of the following methods does not help in the development of a learner's sense of discovery ?

(A) Deductive
(B) Inductive
(C) Synthetic
(D) Analytic

Prepp
Your Personal Exams Guide



102. ବ୍ୟବହାରଗତ ଉଦ୍ଦେଶ୍ୟ ବିବରଣୀ ମଧ୍ୟରୁ କେଉଁଗୁଡ଼ିକୁ ଜାଣିଲେ ଶିକ୍ଷକ ଉଦ୍ଦେଶ୍ୟଭିତ୍ତିକ ପ୍ରଶ୍ନ ପ୍ରସ୍ତୁତ କରିପାରିବେ ?

(A) କେବଳ ଜ୍ଞାନ ଓ ବୋଧ

(B) କେବଳ ବୋଧ ଓ ପ୍ରୟୋଗ

(C) କେବଳ ପ୍ରୟୋଗ ଓ କୌଶଳ

(D) ଜ୍ଞାନ, ବୋଧ, ପ୍ରୟୋଗ ଓ କୌଶଳ

103. କାଗଜ ଓ ମାଟିରେ ବିଭିନ୍ନ ପ୍ରକାରର ଜ୍ୟାମିତିକ ଆକୃତି ପ୍ରସ୍ତୁତ କରିବା ଗଣିତ ଶିକ୍ଷଣର କେଉଁ ଉଦ୍ଦେଶ୍ୟ ପରିସରଭୁକ୍ତ ଅଟେ ?

(A) ଜ୍ଞାନାତ୍ମକ

(B) ଭାବାତ୍ମକ

(C) ମନୋ-କ୍ରିୟାତ୍ମକ

(D) ଉଭୟ (A) ଏବଂ (B)

104. କେଉଁ ଗଣିତଜ୍ଞଙ୍କ ମତରେ ବିଦ୍ୟାଳୟର ଗଣିତ ଶିକ୍ଷାର ଦୁଇ ପ୍ରକାରର ଲକ୍ଷ୍ୟ ଅଛି ଯଥା : ବୃହତ୍ତର ଲକ୍ଷ୍ୟ ଓ ସଂକୀର୍ଣ୍ଣ ଲକ୍ଷ୍ୟ ?

(A) ଜର୍ଜ ପୋଲିଏ

(B) ଭନ୍ ଗ୍ଲାସର୍‌ଫେଲଡ୍

(C) ଲେଭ୍ ଭାଇଗୋଟ୍‌ସ୍କି

(D) ବ୍ରୁନର

102. Among the behavioural objectives, which ones would a teacher know in order to prepare objective-based questions ?

(A) Only knowledge and understanding

(B) Only understanding and application

(C) Only application and skill

(D) Knowledge, Understanding, Application and Skill

103. Preparing different types of geometric shapes using paper and clay belongs to which objective domain of mathematics teaching ?

(A) Cognitive

(B) Affective

(C) Psycho-motor

(D) Both (A) and (B)

104. According to which mathematician, mathematics education at school has two types of objectives, namely broad objectives and narrow objectives ?

(A) George Polya

(B) Von. Glaserfeld

(C) Lev Vigotsky

(D) Bruner

Prepp
Your Personal Exams Guide



105. କେଉଁ ପ୍ରକାରର ପ୍ରଶ୍ନଗୁଡ଼ିକ ଶିକ୍ଷାର୍ଥୀର ଚିନ୍ତା କରିବା ଦକ୍ଷତା ବୃଦ୍ଧି କରିବା ସହ ସେମାନଙ୍କର ସୃଜନଶୀଳତା ଓ ଭାବ ବିନିମୟ କୌଶଳ ବିକାଶ କରିଥାଏ ?

(A) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ

(B) ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ

(C) ଦ୍ୱି-ବିକଳ୍ପ ମୂଳକ ପ୍ରଶ୍ନ

(D) ସମାପନ ପ୍ରଶ୍ନ

106. ''ବିଭିନ୍ନ ପ୍ରକାରର ଚତୁର୍ଭୁଜର କୋଣଗୁଡ଼ିକୁ ମାପି ସେମାନଙ୍କର ସମଷ୍ଟିରୁ ଗାଣିତିକ ସିଦ୍ଧାନ୍ତ ଗ୍ରହଣ କରିବା'' ଏହା ଗଣିତର କେଉଁ ସ୍ୱରୂପ ସହ ସମ୍ପର୍କିତ ?

(A) ବର୍ଗୀକରଣ

(B) ସାଙ୍କେତିକ ପରିପ୍ରକାଶ

(C) ଅବରୋହୀ ତର୍କ

(D) ଆରୋହୀ ତର୍କ

107. ନିମ୍ନଲିଖିତ ମଧ୍ୟରୁ କେଉଁଥିରେ ଗୋଟିଏ ଶିକ୍ଷାର୍ଥୀର ଭାବାତ୍ମକ ଉଦ୍ଦେଶ୍ୟ ସାଧିତ ହୋଇପାରୁଛି ?

(A) ଗାଣିତିକ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇପାରୁଛି

(B) ନିର୍ଭୁଲ ଭାବେ ଜ୍ୟାମିତିକ ଚିତ୍ର ଅଙ୍କନ କରିପାରୁଛି

(C) ବିଭିନ୍ନ ପ୍ରକାର ସଂଖ୍ୟାକୁ ବର୍ଗୀକରଣ କରିପାରୁଛି

(D) ବିଦ୍ୟାଳୟର ବଗିଚାର କ୍ଷେତ୍ରଫଳ ନିର୍ଣ୍ଣୟ କରିପାରୁଛି

105. Which type of questions help students to develop thinking ability and also enchance their creativity and communication skills ?

(A) Closed-ended questions

(B) Open-ended questions

(C) Two-option questions

(D) Concluding questions

106. "Measurings angles of different types of quadrilaterals and deriving a principle of mathematics from their sum." It is related to which nature of mathematics ?

(A) Classification

(B) Symbolic expression

(C) Deductive logic

(D) Inductive logic

107. Which of the following can achieve the affective objectives of a learner ?

(A) To participate in a mathematical quiz competition

(B) To draw geometrical figures accurately

(C) To classify different types of numbers

(D) To calculate the area of a school garden

Prepp
Your Personal Exams Guide



108. ଶିକ୍ଷାର୍ଥୀ-କେନ୍ଦ୍ରିକ ପନ୍ଥାରେ ଶିକ୍ଷାର୍ଥୀର ଆବଶ୍ୟକତା, ବୌଦ୍ଧିକ କ୍ଷମତା, ଆଗ୍ରହ ଓ ସାମାଜିକ ସ୍ଥିତି ମଧ୍ୟରୁ କେଉଁଗୁଡ଼ିକୁ ବିଚାରକୁ ନିଆଯାଇଥାଏ ?

(A) କେବଳ ଶିକ୍ଷାର୍ଥୀର ଆବଶ୍ୟକତା ଓ ଆଗ୍ରହ

(B) କେବଳ ଆଗ୍ରହ ଓ ସାମାଜିକ ସ୍ଥିତି

(C) କେବଳ ଶିକ୍ଷାର୍ଥୀର ଆବଶ୍ୟକତା ଓ ସାମାଜିକ ସ୍ଥିତି

(D) ଶିକ୍ଷାର୍ଥୀର ଆବଶ୍ୟକତା, ଆଗ୍ରହ ଓ ସାମାଜିକ ସ୍ଥିତି

109. ନିମ୍ନଲିଖିତ ମଧ୍ୟରୁ କେଉଁ ପର୍ଯ୍ୟାୟରେ ଶିଶୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଅଧ୍ୟୟନ କରିଥାଏ ?

(A) ସମ୍ବେଦୀ-କାରକ ପର୍ଯ୍ୟାୟ

(B) ପ୍ରାକ୍ ସଂକାର୍ଯ୍ୟ ପର୍ଯ୍ୟାୟ

(C) ମୂର୍ତ୍ତ ସଂକାର୍ଯ୍ୟ ପର୍ଯ୍ୟାୟ

(D) ଯଥାଯଥ ସଂକାର୍ଯ୍ୟ ପର୍ଯ୍ୟାୟ

108. In the learner-centred approach which among the following are taken into consideration ?
(Learner's needs, intellectural ability, interests, social background)

(A) Only learner's needs and interests

(B) Only interests and social background

(C) Only learner's needs and social background

(D) Learner's needs, interests and Social background

109. A child studies in primary and upper primary classes in which of the following stages ?

(A) Sensory-motor period

(B) Pre-operation period

(C) Concrete operation period

(D) Formal operation period

110. ଦୁର୍ବଳ ଫଳାଫଳ ପ୍ରଦର୍ଶନ କରୁଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ କେଉଁ କାର୍ଯ୍ୟକ୍ରମ ବିଦ୍ୟାଳୟର ଗଣିତ ଶିକ୍ଷା କାର୍ଯ୍ୟକ୍ରମର ଅବିଚ୍ଛେଦ୍ୟ ଅଙ୍ଗ ହେବା ଉଚିତ ?

(A) ପ୍ରତିକାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ

(B) ସମୃଦ୍ଧିମୂଳକ କାର୍ଯ୍ୟକ୍ରମ

(C) ନୂତନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କାର୍ଯ୍ୟକ୍ରମ

(D) ଗାଣିତିକ ତର୍କ ସଭା କାର୍ଯ୍ୟକ୍ରମ

111. $x + y = 3$ ଓ $x^2 + y^2 = 5$ ହେଲେ $x^4 + y^4$ ର ମୂଲ୍ୟ କେତେ ହେବ ?

(A) 25

(B) 22

(C) 20

(D) 17

112. $2^x + 2^{x+1} + 2^{x+2} = 112$ ହେଲେ x ର ମୂଲ୍ୟ କେତେ ଅଟେ ?

(A) 1

(B) 2

(C) 4

(D) 6

110. Which programme should be an integral part of the school mathematics education programme for students who show poor performance?

(A) Remedial teaching programme

(B) Enrichment programme

(C) Programme for preparation of new teaching materials

(D) Mathematical debate programme

111. If $x + y = 3$ and $x^2 + y^2 = 5$ then find the value of $x^4 + y^4$ :

(A) 25

(B) 22

(C) 20

(D) 17

112. If $2^x + 2^{x+1} + 2^{x+2} = 112$ then find the value of x ?

(A) 1

(B) 2

(C) 4

(D) 6

Prepp
Your Personal Exams Guide



113. $(1.1\overline{9})^2 + 2 \times 1.1\overline{9} \times 1.7\overline{9} + (1.7\overline{9})^2$ କୁ ସରଳ କଲେ ମୂଲ୍ୟ କେତେ ହେବ ?

(A) 3

(B) 6

(C) 9

(D) 12

114. $x \propto y^2z^3$, ଯଦି y ଏବଂ z ଉଭୟକୁ ଦୁଇଗୁଣ କରିଦିଆଯାଏ, ତେବେ xର ମୂଲ୍ୟ କେତେ ଗୁଣ ହୋଇଯିବ ?

(A) 4

(B) 12

(C) 18

(D) 32

115. ନିମ୍ନଲିଖିତ ମଧ୍ୟରୁ କେଉଁଟି ପଲିନୋମିଆଲ $p(x) = 3x^3 - 6x^2 - 5x + 10$ ର ଜିରୋ ଅଟେ ?

(A) 1

(B) – 1

(C) 2

(D) – 2

113. Find the value of $(1.1\overline{9})^2 + 2 \times 1.1\overline{9} \times 1.7\overline{9} + (1.7\overline{9})^2$ :

(A) 3

(B) 6

(C) 9

(D) 12

114. $x \propto y^2z^3$, if y and z both are doubled then how many times will be the value of x ?

(A) 4

(B) 12

(C) 18

(D) 32

115. Which of the following is the zero of the polynomial $p(x) = 3x^3 - 6x^2 - 5x + 10$ ?

(A) 1

(B) – 1

(C) 2

(D) – 2

ରଫ୍ କରିବା ସ୍ଥାନ / SPACE FOR ROUGH WORK

116. $\sqrt{0.000169} + \sqrt{0.0004}$ ର ମୂଲ୍ୟ କେତେ ହେବ ?

(A) 0.213

(B) 0.15

(C) 0.033

(D) 0.33

117. $a^3 - b^3 + ab(a-b)$ ଓ $a^2 - b^2$ ର ତୃତୀୟ ସମାନୁପାତୀଟି କେତେ ?

(A) $a + b$

(B) $a - b$

(C) $ab$

(D) $a^2 + b^2$

118 $x^2 + x + 1 = 0$ ହେଲେ $x^3 + \frac{1}{x^3}$ ର ମୂଲ୍ୟ କେତେ ହେବ ?

(A) 1

(B) 2

(C) 3

(D) 4

116. What is the value of $\sqrt{0.000169} + \sqrt{0.0004}$ ?

(A) 0.213

(B) 0.15

(C) 0.033

(D) 0.33

117. What is the third proportional of $a^3 - b^3 + ab(a-b)$ and $a^2 - b^2$ ?

(A) $a + b$

(B) $a - b$

(C) $ab$

(D) $a^2 + b^2$

118. If $x^2 + x + 1 = 0$, then find the value of $x^3 + \frac{1}{x^3}$ :

(A) 1

(B) 2


(C) 3

(D) 4

Prepp
Your Personal Exams Guide



119. ଦତ୍ତ ଚିତ୍ରରେ m $\angle GRO = 120^\circ$, MS = MP, m $\angle RMT = 90^\circ$ ହେଲେ $\angle COT$ର ପରିମାଣ କେତେ ହେବ ?




(A) $60^\circ$

(B) $75^\circ$

(C) $90^\circ$

(D) $120^\circ$

120. ଗୋଟିଏ ସାମାନ୍ତରିକ ଚିତ୍ରର କୋଣମାନଙ୍କର ସମଦ୍ୱିଖଣ୍ଡକ ରେଖାମାନଙ୍କ ଦ୍ୱାରା ଗଠିତ ଚତୁର୍ଭୁଜଟି କେଉଁ ପ୍ରକାର ଚତୁର୍ଭୁଜ ହେବ ?


(A) ବର୍ଗଚିତ୍ର

(B) ଆୟତଚିତ୍ର

(C) ରମ୍ବସ୍

(D) ଟ୍ରାପିଜିୟମ୍

119. In the given figure m $\angle GRO = 120^\circ$, MS = MP, m $\angle RMT = 90^\circ$. Find the value of $\angle COT$ :




(A) $60^\circ$

(B) $75^\circ$

(C) $90^\circ$

(D) $120^\circ$

120. The quadrilateral formed by the angle bisectors of a parallelogram is what type of quadrilateral ?

(A) Square

(B) Rectangle

(C) Rhombus

(D) Trapezium

Prepp
Your Personal Exams Guide



121. ପିଲାମାନଙ୍କର କାନ୍ଧ ଉପରେ ଚାପ କମ୍ ପଡ଼ିବା ପାଇଁ ସ୍କୁଲ ବ୍ୟାଗର ଫିତା କିପରି ହେବା ଉଚିତ ?

(A) ସରୁ

(B) ଚଉଡ଼ା

(C) କମ୍ ଲମ୍ୱା

(D) ଅଧିକ ଲମ୍ୱା

122. ଦୁଇଟି ଯୁକ୍ତାତ୍ମକ ଚାର୍ଜ ବିଶିଷ୍ଟ ବସ୍ତୁ ମଧ୍ୟରେ କେଉଁ ବଳ ଥାଏ ?

(A) ଆକର୍ଷଣ ବଳ

(B) ବିକର୍ଷଣ ବଳ

(C) ଆକର୍ଷଣ ନୁହେଁ କି ବିକର୍ଷଣ ନୁହେଁ

(D) ଚୁମ୍ବକୀୟ ବଳ

123. କେଉଁ ପଦ୍ଧତିରେ ଏକ ନିକୃଷ୍ଟ ଧାତୁ ଉପରେ ଉତ୍କୃଷ୍ଟ ଧାତୁର ଆବରଣ ଦେବାକୁ କ'ଣ କୁହାଯାଏ ?

(A) ବିଦ୍ୟୁତ ବିଶ୍ଳେଷଣ

(B) ବିଦ୍ୟୁତ୍‌କରଣ

(C) ଗାଲଭାନାଇଜେସନ୍

(D) କୌଣସିଟି ବି ନୁହେଁ

121. What should be done to reduce pressure on children's shoulder caused by school bag straps ?

(A) Narrow

(B) Wide

(C) Small in length

(D) Larger in length

122. Which force exists between two positive charged substance ?

(A) Force of attraction

(B) Force of repulsion

(C) Neither attraction nor repulsion

(D) Magnetic force

123. What is the process called in which a layer of superior metal is covered on an inferior metal ?

(A) Electrolysis

(B) Electrification

(C) Galvanization

(D) None of these

124. ମୁକୁରିକାରେ ଥିବା କେଉଁ କୋଷଟି ରଙ୍ଗ ଚିହ୍ନିବାରେ ସହାୟକ ହୁଏ ?

(A) ରଡ୍‌ସ୍

(B) କୋନ

(C) ଉଭୟ (A) ଏବଂ (B)

(D) ଏଥି ମଧ୍ୟରୁ କୌଣସିଟି ନୁହେଁ

125. ଏକ ଆଲୋକ ବର୍ଷ ହେଉଛି ________ ।

(A) $9.5 \times 10^{11}$ km

(B) $9.5 \times 10^{12}$ km

(C) $9.5 \times 10^{13}$ km

(D) $9.5 \times 10^{14}$ km

126. କେଉଁଟି ସୌର ଜଗତର ଦ୍ୱିତୀୟ ବୃହତ୍ତମ ଗ୍ରହ ?

(A) ବୃହସ୍ପତି

(B) ମଙ୍ଗଳ

(C) ଶନି

(D) ଶୁକ୍ର

127. ଚପଲର ସୋଲ୍‌କୁ ଖଦଡ଼ିଆ କରାଯାଇଥାଏ :

(A) ଘର୍ଷଣ କମାଇବା ପାଇଁ

(B) ଘର୍ଷଣ ବଢ଼ାଇବା ପାଇଁ

(C) ଚପଲକୁ ଖସଡ଼ା କରିବା ପାଇଁ

(D) ଏଥି ମଧ୍ୟରୁ କୌଣସିଟି ନୁହେଁ

124. Which cell in retina helps to identify colour ?

(A) Rods

(B) Cone

(C) Both (A) and (B)

(D) None of these

125. One light year is ________.

(A) $9.5 \times 10^{11}$ km

(B) $9.5 \times 10^{12}$ km

(C) $9.5 \times 10^{13}$ km

(D) $9.5 \times 10^{14}$ km

126. Which one is the second largest Planet in solar system ?

(A) Jupitor

(B) Mars

(C) Saturn

(D) Venus

127. The sole of the shoes are made rough to :

(A) Reduce friction

(B) Increase friction

(C) Make it slippery

(D) None of these

128. ନିମ୍ନଲିଖିତ ମଧ୍ୟରୁ କେଉଁଟି ପ୍ରୋଟୋଜୋଆ ଜନିତ ରୋଗ ?

(A) ମ୍ୟାଲେରିଆ

(B) ଯକ୍ଷ୍ମା

(C) ଟିଟାନସ୍

(D) ଚିକେନ୍‌ପକ୍ସ

129. ଉଦ୍ଭିଦ କୋଷରେ କେଉଁ କୋଷ ଅଙ୍ଗିକା ଦେଖାଯାଏ ନାହିଁ ?

(A) ରାଇବୋଜୋମ୍

(B) ଲବକ

(C) ସେଣ୍ଟ୍ରୋଜୋମ୍

(D) ଗଲଗିବଡ଼ି

130. କୈଶୋର ଅବସ୍ଥାରେ କେଉଁ ଶାରୀରିକ ପରିବର୍ତ୍ତନ ଦେଖାଯାଏ ନାହିଁ ?

(A) ଉଚ୍ଚତା ବୃଦ୍ଧି

(B) ସ୍ୱର ପରିବର୍ତ୍ତନ

(C) ଦୃଷ୍ଟି ଶକ୍ତିରେ ପରିବର୍ତ୍ତନ

(D) ସ୍ୱେଦଗ୍ରନ୍ଥିର ଅଧିକକ୍ଷରଣ

128. Which disease is caused by protozoa ?

(A). Malaria

(B) Tuberculosis

(C) Tetanus

(D) Chikenpox

129. Which organelle is not found in plant cell ?

(A) Ribosome

(B) Plastid

(C) Centrosome

(D) Golgibody

130. Which physical change is not seen during puberty ?

(A) Increase in height

(B) Change in voice

(C) Change in eyesight

(D) Increase in secretion from sweat glands

131. ଗ୍ଲାଇକୋଲିସିସ୍ କୋଷର କେଉଁଠାରେ ସଂଘଟିତ ହୋଇଥାଏ ?

(A) ସାଇଟୋପ୍ଲାଜମ୍

(B) ଲବକ

(C) ମାଇଟୋକଣ୍ଡ୍ରିଆ

(D) ନ୍ୟଷ୍ଟି

132. ଶୀତସୁପ୍ତି ସମୟରେ ବେଙ୍ଗ କାହାଦ୍ୱାରା ଶ୍ୱାସକ୍ରିୟା ସଂପାଦନ କରେ ?

(A) ଚର୍ମ

(B) ଫୁସ୍‌ଫୁସ୍

(C) ଶ୍ୱାସରନ୍ଧ୍ର

(D) ଗାଲି

133. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଅଧାତୁର ଉଦାହରଣ ଅଟେ ?

(A) କପର୍

(B) ସଲଫର୍

(C) ଲୁହା

(D) ଜିଙ୍କ୍

131. Where Glyolysis is carried out in a cell ?

(A) Cytoplasm

(B) Plastid

(C) Mitochondria

(D) Nucleus

132. During hybernation frog respires through :

(A) Skin

(B) Lungs

(C) Spiracle

(D) Gills

133. Which of the followings is an example of a non metal ?

(A) Copper

(B) Sulphur

(C) Iron

(D) Zinc

134. ଯେତେବେଳେ ଆଲୋକରଶ୍ମି ଲଘୁ ମାଧ୍ୟମରୁ ଘନ ମାଧ୍ୟମକୁ ଗତି କରେ ଏହା :

(A) ଅଧିକ ଗତିଶୀଳ ହୁଏ

(B) କମ୍ ଗତିଶୀଳ ହୁଏ

(C) ପ୍ରତିଫଳିତ ହୁଏ

(D) କୌଣସି ପରିବର୍ତ୍ତନ ହୁଏ ନାହିଁ

135. ନିମ୍ନଲିଖିତ ମଧ୍ୟରୁ କେଉଁଟି ସବଳ କ୍ଷାର ଅଟେ ?

(A) ଏସିଟିକ୍ ଏସିଡ୍

(B) ସୋଡିୟମ୍ କାର୍ବୋନେଟ୍

(C) ହାଇଡ୍ରୋଜେନ୍ ପେରକ୍ସାଇଡ୍

(D) ସୋଡିୟମ୍ ହାଇଡ୍ରୋକ୍ସାଇଡ୍

136. କେଉଁ ମୃତ୍ତିକାରେ ଲୌହ ପରିମାଣ ଅଧିକ ?

(A) କୃଷ୍ଣ ମୃତ୍ତିକା

(B) ଲୋହିତ ମୃତ୍ତିକା

(C) ପାହାଡ଼ିଆ ମାଟି

(D) ମାଙ୍କଡ଼ା ମାଟି

137. ଓଡ଼ିଶାର କେଉଁଠାରେ ବ୍ୟାଘ୍ର ପ୍ରକଳ୍ପ ଅବସ୍ଥିତ ?

(A) ନନ୍ଦନକାନନ

(B) ଭିତରକନିକା

(C) ଶିମିଳିପାଳ

(D) ଚନ୍ଦକା-ଡମପଡ଼ା

134. When light passes from a rarer medium to a denser medium it :

(A) Speeds up

(B) Slows down

(C) Get reflected

(D) No change

135. Which of the followings is a strong base ?

(A) Acetic acid

(B) Sodium carbonate

(C) Hydrogen peroxide

(D) Sodium hydroxide

136. In which soil iron content is more ?

(A) Black soil

(B) Red soil

(C) Mountain soil

(D) Laterite soil

137. Where is the tiger project in Odisha ?

(A) Nandankanan

(B) Bhitarkanika

(C) Similipal

(D) Chandaka-Dampada

138. ନିମ୍ନଲିଖିତ ମଧ୍ୟରୁ କେଉଁ ଉଦ୍ଭିଦମାନେ ଉତ୍ସ୍ବେଦନ ପ୍ରକ୍ରିୟାରେ କମ୍ ଜଳ ବାୟୁମଣ୍ଡଳକୁ ଛାଡ଼ି ଥାଆନ୍ତି ?

(i) ନାଗଫେଣୀ

(ii) ଆମ୍ବ ଗଛ

(iii) ବରଗଛ

(iv) ଖଜୁରୀ ଗଛ

(A) (i) ଏବଂ (ii)

(B) (ii) ଏବଂ (iii)

(C) (iii) ଏବଂ (iv)

(D) (i) ଏବଂ (iv)

139. ଟାଇଟାନ୍ କେଉଁ ଗ୍ରହର ଏକ ଉପଗ୍ରହ ଅଟେ ?

(A) ବୃହସ୍ପତି

(B) ନେପ୍ଚୁନ୍

(C) ଶନି

(D) ପୃଥିବୀ

140. କେଉଁ ଯୋଡ଼ାଟି ଭୁଲ ଅଟେ ?

(A) ଡେଙ୍ଗୁଜ୍ୱର – ଜୀବାଣୁଜନିତ

(B) କାଳାଜ୍ୱର – ଜୀବାଣୁଜନିତ

(C) ଟିଟାନସ – ଜୀବାଣୁଜନିତ

(D) ରକ୍ତହୀନତା – ଧାତୁସାର ଅଭାବ ଜନିତ

141. ବୈଜ୍ଞାନିକ ମନୋଭାବ ସମ୍ପନ୍ନ ବ୍ୟକ୍ତି :

(A) ସବୁକଥାକୁ ସହଜରେ ଗ୍ରହଣ କରିନିଏ

(B) ନିଜ କଥାର ଗୁରୁତ୍ୱ ବଢ଼େଇବା ପାଇଁ ଚେଷ୍ଟାକରେ

(C) ସବୁକଥାକୁ ବିଶ୍ଳେଷଣ କରେ

(D) କାହାକଥା ନ ଶୁଣି ଯୁକ୍ତିତର୍କ କରେ

138. Which of the following plants loss least amount of water to atmosphere through the transpiration ?

(i) Cactus

(ii) Mango tree

(iii) Banyan tree

(iv) Date plam tree

(A) (i) and (ii)

(B) (ii) and (iii)

(C) (iii) and (iv)

(D) (i) and (iv)

139. 'Titan' is the satellite of which planet ?

(A) Jupiter

(B) Neptune

(C) Saturn

(D) Earth

140. Which pair is not correct ?

(A) Dengue – Viruse borne

(B) Black fever – Bacteria borne

(C) Tetanus – Bacteria borne

(D) Anaemia – Deficiency of minerals

141. A person with scientific attitude :

(A) Easily accepts everything

(B) Try to increase value of his own words

(C) Analyses everything

(D) Argues and does not listen to others

Prepp
Your Personal Exams Guide



142. ବିଜ୍ଞାନ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ପୂରଣ ହୋଇପାରେ ନାହିଁ ଯେତେବେଳେ ଶ୍ରେଣୀଗୃହରେ :

(A) ପରୀକ୍ଷଣ କରାଯାଇଥାଏ

(B) ଚିନ୍ତନର ସ୍ୱାଧୀନତା ଦିଆଯାଇଥାଏ

(C) ମନେରଖିବା ଉପରେ ଗୁରୁତ୍ୱ ଦିଆଯାଏ

(D) ସୃଜନଶୀଳତାକୁ ପ୍ରୋତ୍ସାହନ ଦିଆଯାଏ

143. ଗୋଟିଏ ବିଜ୍ଞାନ ଶିକ୍ଷାଦାନ ପଦ୍ଧତି ଫଳପ୍ରଦ ହୋଇଥାଏ ଯେତେବେଳେ :

(A) ଏହା ଶିକ୍ଷାର୍ଥୀର ଅଭିଜ୍ଞତାକୁ ଗୁରୁତ୍ୱ ଦେଇ ନଥାଏ

(B) ଏହା ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିଥାଏ

(C) ଏହା ପରୀକ୍ଷାରେ ଭଲ ନମ୍ବର ରଖିବାରେ ସହାୟକ ହୋଇଥାଏ

(D) ଏହା ତଥ୍ୟ ମନେରଖିବାରେ ସହାୟକ ହୋଇଥାଏ

144. ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା :

(A) ପିଲାମାନଙ୍କୁ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ କରିବା ପାଇଁ ଉତ୍ସାହିତ କରିବା

(B) ବୈଜ୍ଞାନିକ ତଥ୍ୟଗୁଡ଼ିକୁ ସହଜରେ ମନେରଖିବା

(C) ଉଚ୍ଚତର ଶ୍ରେଣୀରେ ବିଜ୍ଞାନ ପଢ଼ିବା

(D) ବିଜ୍ଞାନ ପରୀକ୍ଷାରେ ଭଲ ମାର୍କ ରଖିବା

142. The main objective of science education is not being fulfilled in the classroom when :

(A) Experimentation is being carried out

(B) Freedom for thinking is being provided

(C) Memorisation is being promoted

(D) Creativity is being fostered

143. A science teaching method is fruitful when :

(A) It does not pay importance to learners experience

(B) It fulfills learning needs of the learner

(C) It helps in sucuring good marks

(D) It helps in memorising facts

144. The main objective of organising science exhibition is :

(A) To Encourage children to apply scientific knowledge and skills

(B) To memorize scientific facts easily

(C) To study science at higher class

(D) To achieve good marks in Science examination

145. ଶିକ୍ଷଣ ସାମଗ୍ରୀକୁ ଉପଯୁକ୍ତ ଭାବେ ବ୍ୟବହାର କରିବାପାଇଁ କେଉଁ ଦିଗଟି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ନୁହେଁ ?

(A) ଦାମୀ

(B) ଆକର୍ଷଣୀୟ

(C) ପର୍ଯ୍ୟାପ୍ତ

(D) ପ୍ରସଙ୍ଗଭିତ୍ତିକ

146. ସମସ୍ୟା ସମାଧାନ ପଦ୍ଧତିରେ ସୋପାନ ଗୁଡ଼ିକର କ୍ରମ ହେଲା :

(i) ସମସ୍ୟା ବୁଝିବା

(ii) ସମସ୍ୟା ଉପସ୍ଥାପନ

(iii) ସମସ୍ୟା ସଂପର୍କିତ ତଥ୍ୟ ସଂଗ୍ରହ

(iv) ଅନୁକଳ୍ପନା ଗଠନ

(A) (i), (ii), (iii), (iv)

(B) (ii), (i), (iii), (iv)

(C) (iii), (i), (ii), (iv)

(D) (iv), (iii), (ii), (i)

147. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶିକ୍ଷକ କେନ୍ଦ୍ରିକ ପଦ୍ଧତି ଅଟେ ?

(A) ପ୍ରଦର୍ଶନ ଓ ଆଲୋଚନା ମୂଳକ

(B) ପର୍ଯ୍ୟବେକ୍ଷଣ ପଦ୍ଧତି

(C) କ୍ଷେତ୍ରଭ୍ରମଣ ପଦ୍ଧତି

(D) ପରୀକ୍ଷଣ ପଦ୍ଧତି

145. Which of the following aspects should not be considered for proper use of Teaching Learning Materials (TLM) ?

(A) Costly

(B) Attractive

(C) Sufficient

(D) Relevant

146. The sequence of steps in problem solving method is :

(i) Understanding the problem

(ii) Presenting the problem

(iii) Problem related data collection

(iv) Framing hypothesis

(A) (i), (ii), (iii), (iv)

(B) (ii), (i), (iii), (iv)

(C) (iii), (i), (ii), (iv)

(D) (iv), (iii), (ii), (i)

147. Which among the following is a teacher centric method ?

(A) Demonstration cum discussion

(B) Observation method

(C) Field trip method

(D) Experimental method

Prepp
Your Personal Exams Guide



148. ପର୍ଯ୍ୟବେକ୍ଷଣ ପଦ୍ଧତିର ସୋପାନ ଗୁଡ଼ିକ ହେଉଛି :

(i) ତଥ୍ୟ ସଂଗ୍ରହ

(ii) ତଥ୍ୟ ବିଶ୍ଳେଷଣ

(iii) ଶୃଙ୍ଖଳିତ ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ

(iv) ସିଦ୍ଧାନ୍ତ ନିରୂପଣ

(A) (i), (ii), (iii), (iv)

(B) (ii), (i), (iii), (iv)

(C) (iii), (ii), (iv), (i)

(D) (iii), (i), (ii), (iv)

149. ନିମ୍ନଲିଖିତ ମଧ୍ୟରୁ କେଉଁଟି ବିଜ୍ଞାନ ଶିକ୍ଷାର ଉଦ୍ଦେଶ୍ୟ ନୁହେଁ ?

(A) ବୈଜ୍ଞାନିକ ତଥ୍ୟ ଓ ନିୟମକୁ ବୁଝିବା

(B) ବୈଜ୍ଞାନିକ ମନୋଭାବର ବିକାଶ କରିବା

(C) ବର୍ତ୍ତମାନ ଓ ଅତୀତ ଭିତରେ ସଂମ୍ପର୍କ ସ୍ଥାପନ କରିବା

(D) ପର୍ଯ୍ୟବେକ୍ଷଣ କ୍ଷମତାର ବିକାଶ କରିବା

150. "ସୂର୍ଯ୍ୟୋଦୟ କାହିଁକି ହୁଏ ?" – ଏହା କେଉଁ ପ୍ରକାର ପ୍ରଶ୍ନ ?

(A) ବହୁବିକଳ୍ପ ଉତ୍ତର

(B) ଦୀର୍ଘ ଉତ୍ତର

(C) ଅତି ସଂକ୍ଷିପ୍ତ ଉତ୍ତର

(D) ସଂକ୍ଷିପ୍ତ ଉତ୍ତର

148. Steps for observation method are :

(i) Data collection

(ii) Data analysis

(iii) Systematic observation and study

(iv) Conclusion

(A) (i), (ii), (iii), (iv)

(B) (ii), (i), (iii), (iv)

(C) (iii), (ii), (iv), (i)

(D) (iii), (i), (ii), (iv)

149. Which among the following is not an objective of learning science ?

(A) Understanding scientific facts, theories

(B) Developing scientific attitude

(C) Connecting present with past

(D) Developing observation skills

150. "Why does the Sun rise ?" – what type of question is this ?

(A) Multiple choice answer

(B) Long answer

(C) Very short answer

(D) Short answer